# ସତ୍ୟବାଣୀ

## THE VOICE OF TRUTH

MAY & JUNE, 2000

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

CHURCH OF CHRIST
P.O. Box NO. 80, KAKINADA,
A.P. - 533 001
PH : 0884 - 363722

**Vol. 5 May & June, 2000 No. 3**

Published every two months in Oriya Language for the Restoration of pure New Testament Christianity

**FREE !** **FREE!!** **FREE !!!**

**Study the Bible in the quite of your own home. Enroll yourself in the BASIC BIBLE COURSE in Oriya language. Complete the course and obtain a copy of Oriya Holy Bible absolutely free! Send your address today to :**

**THE DIRECTOR**
**BIBLE CORRESPONDENCE COURSE**
**P.O. Box. No. 80, KAKINADA - 533 001**

# ସତ୍ୟ ବାଣୀ
# VOICE OF TRUTH

Vol – V KAKINADA MAY – JUNE


## ମରଣ ପରେ .......?
## ( After death – what ? )

ପ୍ରତ୍ୟେକ ମାନବ ଧର୍ମ, ମୃତ୍ୟୁପରର ସ୍ଥିତି ଉପସ୍ଥାପିତ କରିବାରେ ଅକ୍ଷମ । କିନ୍ତୁ କୌଣସି ମୃତ ବ୍ୟକ୍ତି ଏ ପର୍ଯ୍ୟନ୍ତ ଫେରିଆସି, ପରବର୍ତ୍ତୀ ଜୀବନ ବିଷୟରେ ଜଣାଇ ନାହାନ୍ତି ।

ଆମ୍ଭେମାନେ ସତ୍ୟ ପରମେଶ୍ୱରଙ୍କ ଜୀବନ୍ତ ବାକ୍ୟ ପାଉଅଛୁଁ । ତାହାଙ୍କ ବଚନରେ ଲିଖିତ ଅନନ୍ତ ଜୀବନଦାୟକ ସୁସମାଚାର ବାଇ-ବଲରେ ଅନନ୍ତ ସତ୍ୟ ସମସ୍ତ ଲିପିବଦ୍ଧ ହୋଇଅଛି । ଏଥିରେ ଲିଖିତ ସତ୍ୟ ଅବହେଳା କରି ନ ପାରୁ କାରଣ ପରଲୋକ ବିଷୟକ ପ୍ରତ୍ୟକ୍ଷ ଜ୍ଞାନ କାହାର ନାହିଁ । ଆମ୍ଭେମାନେ ସତ୍ୟ ପରମେଶ୍ୱରଙ୍କ ଓ ସତ୍ୟ ଧର୍ମର ସନ୍ଧାନ ପାଉଅଛୁ । ଅତଏବ ତାହାଙ୍କ ସତ୍ୟବାକ୍ୟ ଅବଲମ୍ବନ ହିଁ ଆମ୍ଭମାନଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ହେଉ । "ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ ... । [ଏବ୍ରୀ – ୯ : ୨୭] । ସମସ୍ତେ ଏକ ସ୍ଥାନକୁ ଯାଆନ୍ତି, ସମସ୍ତେ ଧୂଳିରୁ ଉତ୍ପନ୍ନ ଓ ସମସ୍ତେ ପୁନର୍ବାର ଧୂଳିରେ ଲୀନ ହୁଅନ୍ତି ।" [ଉପଦେଶକ – ୩ : ୨୦] । "ପୁଣି, ଧୂଳି ପୂର୍ବ ପରି ମୃତ୍ତିକାରେ ଲୀନ ହେବ, ଆଉ ଆତ୍ମା ଦାତା ପରମେଶ୍ୱରଙ୍କ ନିକଟକୁ ଆତ୍ମା ଫେରିଯିବ ।" [ଉପଦେଶକ – ୧୨ : ୭] ।

ମୃତ୍ୟୁ ସମୟରେ ଆତ୍ମା, ଶରୀରକୁ ପରିତ୍ୟାଗ କରେ ଓ ଶରୀର ମାଟିରେ ଲୀନ ହେବା ଚିରନ୍ତନ ସତ୍ୟ ଅଟେ । କିନ୍ତୁ ଶରୀର ଛାଡ଼ିବା ପରେ ଆତ୍ମାର ଗତି କିଅଣ ଏହା ହିଁ ଜଟିଳ ବିଷୟ ଅଟେ ।

ମୃତ୍ୟୁପରର ଜୀବନ ନିମନ୍ତେ ମନୁଷ୍ୟକୁ ପ୍ରସ୍ତୁତ କରାଇବା ହିଁ ବାଇବଲର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଯଦି ମରଣ ପରେ ଜୀବନ ନାହିଁ । ତେବେ ଏହି ଜଗତରେ ଧାର୍ମିକ ଜୀବନଯାପନ କରିବା ବୃଥା । ମନୁଷ୍ୟ କୃତ ଅପରାଧର ପ୍ରତିଫଳ ଭୋଗିବ ବୋଲି ପରମେଶ୍ୱରଙ୍କ ନିଶ୍ୱସିତ ବାଇବଲର ବାକ୍ୟ ଆମ୍ଭମାନଙ୍କୁ ସତର୍କ କରେ । ମନୁଷ୍ୟ ଥରେ ମାତ୍ର ଜୀବନଯାପନ କରେ, ଥରେ ମାତ୍ର ମୃତ୍ୟୁ ଭୋଗ କରେ; ତାପରେ ପୁନରୁତ୍ଥାନ ଓ ବିଚାର ନିମନ୍ତେ ଅପେକ୍ଷା କରେ ବୋଲି ତାହାଙ୍କ ବାକ୍ୟରୁ ଜାଣିପାରୁ । ଏହା ହିଁ ଖ୍ରୀଷ୍ଟଧର୍ମର ପ୍ରଧାନ ଶିକ୍ଷା । ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିଲେ । କିନ୍ତୁ କୌଣସି ମୃତବ୍ୟକ୍ତି କାହାର ଉପକାର କରିବାରେ ସକ୍ଷମ ନୁହେଁ । ମୃତ୍ୟୁଞ୍ଜୟୀ ଖ୍ରୀଷ୍ଟ ମରଣର ସମସ୍ତ ବନ୍ଧନ ଜୟ କରି ଆମ୍ଭମାନଙ୍କ ଜୀବନ ଦାନକର୍ତ୍ତା ରୂପେ ଆପଣାକୁ ନିରୂପିତ କରି ଅଛନ୍ତି । ଦୁଇ ହଜାର ବର୍ଷ ଧରି ଜଗତ ଖ୍ରୀଷ୍ଟଙ୍କ ପୁନରୁତ୍ଥାନକୁ ଅଗ୍ରାହ୍ୟ କରି ଆସୁଅଛି । କିନ୍ତୁ ଯେଉଁମାନେ ତାହାଙ୍କୁ ପୁନରୁତ୍ଥାନ ପରେ ସ୍ୱଚକ୍ଷୁରେ ଦେଖିଅଛନ୍ତି ତାହାଙ୍କ ବିଶ୍ୱାସ ଜଗତ ମିଥ୍ୟା ପ୍ରମାଣିତ କରି ନପାରେ । ସେହି ବିଶ୍ୱସ୍ତ ସାକ୍ଷୀମାନେ ସତ୍ୟ ନିମନ୍ତେ ଆପଣା ପ୍ରାଣଅର୍ପଣ କରିଥିଲେ । କାରଣ ସେମାନେ ଭରସା କରିଥିବା ଜୀବନ୍ତ ଶକ୍ତିମାନ ପ୍ରଭୁ ଯୀଶୁଖ୍ରୀଷ୍ଟ ସେମାନଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କରିବାରେ ସକ୍ଷମ ବୋଲି ସେମାନଙ୍କ ଦୃଢ଼ ବିଶ୍ୱାସ କରିଥିଲେ । ବାକ୍ୟ କହେ, "ଯଦି କେବଳ ଏହି ଜୀବନ ନିମନ୍ତେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ଭରସା ରଖିଅଛୁ, ତେବେ ସମସ୍ତ ମନୁଷ୍ୟଙ୍କ ଠାରୁ ଆମ୍ଭେମାନେ ଦୁର୍ଭାଗ୍ୟ । କିନ୍ତୁ ପ୍ରକୃତରେ ଖ୍ରୀଷ୍ଟ ମହାନିଦ୍ରା ପ୍ରାପ୍ତ ଲୋକମାନଙ୍କର ପ୍ରଥମଫଳ ସ୍ୱରୂପେ ମୃତମାନଙ୍କ ମଧ୍ୟରୁ ଉତ୍ଥିତ ହୋଇ ଅଛନ୍ତି । କିନ୍ତୁ କେହି କହିବ ମୃତମାନେ କିପରି ଉତ୍ଥିତ ହୁଅନ୍ତି ? କି ପ୍ରକାର ଶରୀରରେ ସେମାନେ ଆସନ୍ତି ? ହେ ନିର୍ବୋଧ, ତୁମେ ନିଜେ ଯାହା ବୁଣ, ତାହା ନ ମଲେ ସଜୀବ ହୁଏ ନାହିଁ । ଆଉ ଯେଉଁ, ଶରୀର ହେବ । ତାହା ତୁମ୍ଭେ ବୁଣ ନାହିଁ, କିନ୍ତୁ ଗହମ ହେଉ ବା ଅନ୍ୟ କୌଣସି ଶସ୍ୟ ହେଉ, ତାହା କେବଳ ଦାନାମାତ୍ର, କିନ୍ତୁ ଈଶ୍ୱର ଆପଣା ଇଚ୍ଛା-

ଇଚ୍ଛାରେ ତାହାକୁ ଶରୀର ଦିଅନ୍ତି, ଆଉ ସମସ୍ତ ବୀଜମଧ୍ୟରୁ ପ୍ରତ୍ୟେକକୁ ତାହାର ନିଜ ଶରୀର ଦିଅନ୍ତି । ମୃତମାନଙ୍କର ପୁନରୁତ୍ଥାନ ମଧ୍ୟ ସେହି ପ୍ରକାର କ୍ଷୟରେ ବୁଣାଯାଏ, ଅକ୍ଷୟ ହୋଇ ଉତ୍ଥିତ ହୁଏ । ଯଦି ପ୍ରାକୃତିକ ଶରୀର ଅଛି, ତେବେ ଆତ୍ମିକ ଶରୀର ସୁଦ୍ଧା ଅଛି । ହେ ଭାଇମାନେ ମୁଁ ଏହା କହୁଅଛି । ରକ୍ତମାଂସ ଈଶ୍ୱରଙ୍କ ରାଜ୍ୟ ଅଧିକାର କରି ପାରେ ନାହିଁ । କିମ୍ବା କ୍ଷୟ ଅକ୍ଷୟତାକୁ ଅଧିକାର କରେ ନାହିଁ । ଦେଖ, ମୁଁ ତୁମ୍ଭମାନଙ୍କୁ ଗୋଟିଏ ନିଗୂଢ଼ କଥା କହୁଅଛି । ଆମ୍ଭେମାନେ ସମସ୍ତେ ମହାନିଦ୍ରା ପ୍ରାପ୍ତ ହେବା ନାହିଁ । କିନ୍ତୁ ଏକ ମୁହୂର୍ତ୍ତରେ ଚକ୍ଷୁର ପଲକରେ, ଶେଷ ତୂରୀଧ୍ୱନିରେ ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା କାରଣ ତୂରୀ ବାଜିବ, ଆଉ ମୃତମାନେ ଅକ୍ଷୟ ହୋଇ ଉତ୍ଥିତ ହେବେ, ପୁଣି ଆମ୍ଭେମାନେ ପରିବର୍ତ୍ତିତ ହେବା ।" [୧ମ କରିନ୍ଥୀ - ୧୫:୧୯, ୨୦ ଅନୁଚ୍ଛେଦ, ୪୨-୪୪, ୫୦-୫୨] ।

ପରମେଶ୍ୱରଙ୍କ ପରିବାର ତାହାଙ୍କ ରାଜ୍ୟ ରୂପେ ପରିଚିତ ଏବଂ ସେହି ରାଜ୍ୟକୁ ପରିଚାଳନର ସମସ୍ତ ଅଧିକାର ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଦତ୍ତ ହୋଇଅଛି । ମୃତ ଓ ଜୀବିତ ଖ୍ରୀଷ୍ଟିୟାନମାନେ ସେହି ରାଜ୍ୟର ପ୍ରଜା ଅଟନ୍ତି । "ହେ ଭାଇମାନେ, ଭରସାହୀନ ଅନ୍ୟ ସମସ୍ତଙ୍କ ପରି ତୁମ୍ଭେମାନେ ଶୋକାକୁଳ ନ ହୁଅ । ଏଥିନିମନ୍ତେ ମହାନିଦ୍ରା ପ୍ରାପ୍ତ ଲୋକମାନଙ୍କ ବିଷୟରେ ତୁମ୍ଭେମାନେ ଯେ ଅଜ୍ଞ ଥାଅ, ଏହା ଆମ୍ଭମାନଙ୍କର ଇଚ୍ଛା ନୁହେଁ । କାରଣ ଯଦି ଆମ୍ଭେମାନେ ବିଶ୍ୱାସ କରୁ ଯେ ଯୀଶୁ ମରି ପୁନର୍ବାର ଉଠିଅଛନ୍ତି, ତେବେ ଈଶ୍ୱର ଯେ ଯୀଶୁଙ୍କ ଦ୍ୱାରା ମହାନିଦ୍ରା ପ୍ରାପ୍ତ ଲୋକମାନଙ୍କୁ ସେହି ପ୍ରକାରେ ତାହାଙ୍କ ସଙ୍ଗରେ ଆଣିବେ । ଏହା ମଧ୍ୟ ବିଶ୍ୱାସ କରିବା ଉଚିତ । ଯେଣୁ ଆମ୍ଭେମାନେ ପ୍ରଭୁଙ୍କ ବାକ୍ୟାନୁସାରେ ତୁମ୍ଭମାନଙ୍କୁ ଏହା କହୁଅଛୁ, ଆମ୍ଭେମାନେ ଯେଉଁ ଲୋକ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ଜୀବିତ ରହି ଅବଶିଷ୍ଟ ଥିବୁ । ଆମ୍ଭେମାନେ କୌଣସି ପ୍ରକାରେ ମହାନିଦ୍ରା ପ୍ରାପ୍ତ ଲୋକମାନଙ୍କର ଅଗ୍ରଗାମୀ ହେବୁ ନାହିଁ । କାରଣ ପ୍ରଭୁ

ଆଜ୍ଞା ଆଦେଶ, ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ, ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କ ପାଖରେ ଥାଇ ମରିଅଛନ୍ତି। ସେମାନେ ପ୍ରଥମରେ ଉଠିବେ, ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥାଉ ନା ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘ ମାଳାରେ ଶୂନ୍ୟ ମଣ୍ଡଳକୁ ନୀତ ହେବୁ, ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ।" [୧ମ ଥେସଲନୀକୀ ୪ ; ୧୩-୧୭]। ତତ୍ପରେ ଯୁଗାନ୍ତ ଉପସ୍ଥିତ ହେବ। ସେ ସମୟରେ ସେ ସମସ୍ତ କର୍ତ୍ତାପଣ, ସମସ୍ତ କ୍ଷମତା ଓ ଶକ୍ତି ଲୋପ କଲା ଉତ୍ତାରେ ପିତା ଈଶ୍ୱରଙ୍କୁ ରାଜତ୍ୱ ସମର୍ପଣ କରିବେ। କାରଣ ସେ ସମସ୍ତ ଶତ୍ରୁଙ୍କୁ ନିଜର ପାଦ ତଳେ ନ ରଖିବା ପର୍ଯ୍ୟନ୍ତ ତାହାଙ୍କୁ ଅବଶ୍ୟ ରାଜତ୍ୱ କରିବାକୁ ହେବ। ଶେଷ ଶତ୍ରୁ ସ୍ୱରୂପ ମୃତ୍ୟୁକୁ ଲୋପ କରାଯିବ। (୧ମ କରିନ୍ଥୀ ୧୫ ୨୪-୨୬)। ପୁଣି ମୁଁ କ୍ଷୁଦ୍ର ଓ ମହାନ ସମସ୍ତ ମୃତ ଲୋକଙ୍କୁ ସିଂହାସନର ସମ୍ମୁଖରେ ଠିଆ ହୋଇଥିବାର ଦେଖିଲି, ଆଉ ପୁସ୍ତକ ସବୁ ଫିଟାଗଲା। ପରେ ଜୀବନ ପୁସ୍ତକ ନାମକ ଆଉ ଗୋଟିଏ ପୁସ୍ତକ ଫିଟାଗଲା, ସେହି ପୁସ୍ତକମାନଙ୍କରେ ଲିଖିତ ବିଷୟ ପ୍ରମାଣେ ମୃତମାନେ ଆପଣା ୨ କର୍ମାନୁସାରେ ବିଚାରିତ ହେଲେ। ସମୁଦ୍ର ଆପଣାର ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲା, ଆଉ ମୃତ୍ୟୁ ଓ ପାତାଳ ସେମାନଙ୍କ ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲେ, ପୁଣି ସେମାନେ ପ୍ରତ୍ୟେକ ଆପଣା ୨ କର୍ମାନୁସାରେ ବିଚାରିତ ହେଲେ ତତ୍ପରେ ମୃତ୍ୟୁ ଓ ପାତାଳକୁ ଅଗ୍ନିମୟ ହ୍ରଦରେ ପକାଗଲା ଏହି ମୃତ୍ୟୁ, ଅର୍ଥାତ ଅଗ୍ନିମୟ ହ୍ରଦ, ଦ୍ୱିତୀୟ ମୃତ୍ୟୁ। ଯାହାର ନାମ ଜୀବନ ପୁସ୍ତକରେ ଲେଖା ହୋଇଥିବାର ଦେଖା ନ ଗଲା, ତାହାଙ୍କୁ ଅଗ୍ନିମୟ ହ୍ରଦରେ ପକାଗଲା।" [ ପରେ ମୁଁ ଏକ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ଦେଖିଲି, କାରଣ ପ୍ରଥମ ଆକାଶମଣ୍ଡଳ ଓ ପ୍ରଥମ ପୃଥିବୀ ଲୋପ ପାଇଥିଲା, ପୁଣି ସମୁଦ୍ର ଆଉ ନ ଥିଲା। ପୁଣି, ମୁଁ ପବିତ୍ର ନଗରୀ, ଅର୍ଥାତ ନୂତନ ଯିରୂଶାଲମକୁ ବର ନିମନ୍ତେ ସୁସଜ୍ଜିତା କନ୍ୟାର ସଦୃଶ ପ୍ରସ୍ତୁତ ହୋଇ ସ୍ୱର୍ଗରୁ ଈଶ୍ୱରଙ୍କ ନିକଟରୁ ଅବ-

ତରଣ କରିବାର ଦେଖିଲି । ଆଉ ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମହାଶବ୍ଦେ ଏହା କହିବାର ଶୁଣିଲି, ଦେଖ ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି । ଆଉ ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ । ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛି ଦେବେ । ମୃତ୍ୟୁ ଆଉ ଘଟିବ ନାହିଁ ଶୋକ କି କ୍ରନ୍ଦନ କି ବ୍ୟଥା ଆଉ ହେବ ନାହିଁ, କାରଣ ପୂର୍ବ ବିଷୟ ସବୁ ଲୋପ ପାଇଅଛି । ଆଲୋକ ନିମନ୍ତେ ସେହି ନଗରର ସୂର୍ଯ୍ୟ କି ଚନ୍ଦ୍ରର ପ୍ରୟୋଜନ ନାହିଁ, କାରଣ ଈଶ୍ୱରଙ୍କ ଗୌରବ ତାହାକୁ ଆଲୋକିତ କରେ ଓ ମେଷଶାବକ ସେଥିର ପ୍ରଦୀପ ସ୍ୱରୂପ । ସେଥିର ଆଲୋକରେ ଜାତି ସମୂହ ଗମନାଗମନ କରିବେ, ପୁଣି ପୃଥିବୀର ରାଜାମାନେ ଆପଣା ୨ ଐଶ୍ୱର୍ଯ୍ୟ ତହିଁ ମଧ୍ୟକୁ ଆଣିବେ । ସେଥିର ଦ୍ୱାର ସମୂହ ଦିନ ବେଳେ କଦାପି ରୁଦ୍ଧ ହେବ ନାହିଁ, କାରଣ ସେ ସ୍ଥାନରେ ରାତ୍ରି ହେବ ନାହିଁ । ଲୋକେ ଜାତି ସମୂହର ଐଶ୍ୱର୍ଯ୍ୟ ଓ ମହିମା ତାହା ମଧ୍ୟକୁ ଆଣିବେ । କୌଣସି ଅଶୁଚି ବିଷୟ କିଅବା ଘୃଣ୍ୟ କର୍ମକାରୀ ଓ ମିଥ୍ୟାବାଦୀ କେହି ସେଥିରେ କଦାପି ପ୍ରବେଶ କରିବ ନାହିଁ, କେବଳ ଯେଉଁମାନଙ୍କ ନାମ ମେଷ ଶାବକଙ୍କ ଜୀବନ ପୁସ୍ତକରେ ଲିଖିତ ଅଛି । ସେମାନେ ପ୍ରବେଶ କରିବେ । ପରେ ସେ ଜୀବନ ଦାୟକ ବାରିକ ଜଳର ଗୋଟିଏ ନଦୀ ଦେଖାଇଲେ, ତାହା ସ୍ଫଟିକ ସଦୃଶ ଉଜ୍ଜଳ, ପୁଣି ଈଶ୍ୱର ଓ ମେଷ ଶାବକଙ୍କ ସିଂହାସନରୁ ନିର୍ଗତ ହୋଇ ନଗରର ପଥ ମଧ୍ୟ ଦେଇ ପ୍ରବାହିତ ହୋଇଅଛି । ସେହି ନଦୀର ଉଭୟ ପାର୍ଶ୍ୱରେ ଦ୍ୱାଦଶ ଥର ଫଳଦାୟକ ଜୀବନବୃକ୍ଷ ଅଛି, ସେଥିରେ ପ୍ରତି ମାସରେ ଫଳ ଫଳେ, ସେହି ବୃକ୍ଷର ପତ୍ର ଜାତି ସମୂହର ଆରୋଗ୍ୟ କାରଣ । କୌଣସି ଅଭିଶପ୍ତ ବିଷୟ ଆଉ ରହିବ ନାହିଁ । ଈଶ୍ୱର ଓ ମେଷଶାବକଙ୍କ ସିଂହାସନ ନଗରୀ ମଧ୍ୟରେ ରହିବ, ଆଉ ତାହାଙ୍କ ଦାସମାନେ ତାହାଙ୍କର ଉପାସନା କରିବେ । ସେମାନେ ତାହାଙ୍କ ମୁଖ ଦର୍ଶନ କରିବେ ଓ ତାହାଙ୍କ ନାମ ସେମାନଙ୍କ କପାଳରେ ଲିଖିତ ହେବ ଇତି ଅଛି

ହେବନାହିଁ, ସେମାନଙ୍କର ପ୍ରଦୀପ କି ସୂର୍ଯ୍ୟର ଆଲୋକର ପ୍ରୟୋଜନ ହେବ ନାହିଁ, କାରଣ ପ୍ରଭୁ ଈଶ୍ବର ସେମାନଙ୍କ ଉପରେ ଆଲୋକ ସ୍ୱରୂପ ହେବେ । ପୁଣି ସେମାନେ ଯୁଗେ ଯୁଗେ ରାଜତ୍ୱ କରିବେ ।" [ପ୍ରକାଶିତ— ୨୦ : ୧୨-୧୫, ୨୧ : ୧-୪, ୨୧ : ୨୩-୨୭, ୨୨ : ୧-୫]।

**J. C. Choate**

—o—

## ସର୍ବୋତ୍ତମ ଆଜ୍ଞା

**( The great Commission )**

'ପରିତ୍ରାଣ ପାଇବାକୁ ମୁଁ କ'ଣ କରିବି ?' ଏହା ମନୁଷ୍ୟର ଏକ ପ୍ରଧାନ ପ୍ରଶ୍ନ, ଏହାର ଉତ୍ତରରେ ମନୁଷ୍ୟର ପରିତ୍ରାଣର ନିର୍ଭର କରେ । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଏହି ପ୍ରଶ୍ନର ଉତ୍ତର ଆପଣା ସର୍ବଶ୍ରେଷ୍ଠ ଆଜ୍ଞାରେ ସୁସ୍ପଷ୍ଟ କରନ୍ତି । ବାକ୍ୟରେ ଲିଖିତ ଏହି ଆଜ୍ଞାବଳୀକୁ ଆମ୍ଭେ ବିଶ୍ଳେଷଣ କଲେ ପ୍ରଭୁଙ୍କ ଉତ୍ତର ଆମ୍ଭେ ଜାଣି ପାରିବା ।

ସମସ୍ତେ ପାପ କରି ପ୍ରଭୁଙ୍କ ଅନୁଗ୍ରହରୁ ରହିତ ହୋଇ ଅଛନ୍ତି ବୋଲି ପାଉଲ ରୋମୀୟ ୩ : ୨୩ ରେ ଜଣାନ୍ତି । ପାପର ବେତନ ମୃତ୍ୟୁ । ମୃତ୍ୟୁର ଅର୍ଥ ପରମେଶ୍ବରଙ୍କ ଠାରୁ ବିଚ୍ଛେଦ । ପାପୀମାନେ ଅନନ୍ତକାଳ ନର୍କରେ ଯନ୍ତ୍ରଣା ଭୋଗିବେ । ପ୍ରେମମୟ ପିତା ପରମେଶ୍ବରଙ୍କ ପାପୀ ମନୁଷ୍ୟ ପ୍ରତି ପ୍ରେମ ଅପାର ଅପାର, ସେ ପାପୀମାନଙ୍କୁ ରକ୍ଷା କରିବାକୁ ଇଚ୍ଛା କରନ୍ତି । ତେଣୁ କରି ଆମ୍ଭମାନଙ୍କ ନିମନ୍ତେ ପରିତ୍ରାଣର ମାର୍ଗ ସେ ପ୍ରସ୍ତୁତ କରି ଅଛନ୍ତି । ବାକ୍ୟ କହେ କାରଣ ଈଶ୍ବର ଜଗତକୁ ଏତେ ପ୍ରେମ କଲେ ଯେ ସେ ଅଦ୍ୱିତୀୟ ପୁତ୍ରଙ୍କୁ

ଦାନ କଲେ, ଯେପରି ଯେକେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ । ( ଯୋହନ ୩ : ୧୬ ) ଉତ୍ତମ ଓ ଦୟାଳୁ ପରମେଶ୍ୱରଙ୍କ ଅଯୋଗ୍ୟ ମନୁଷ୍ୟମାନଙ୍କ ନିମନ୍ତେ ଯୋଜିତ ପରିତ୍ରାଣର ଯୋଜନା ଏକ ଅନୁଗ୍ରହର ଦାନ ।

'ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ୍ତ ରୂପେ ପ୍ରେରଣ କଲେ, ଏଥିରେ ହିଁ ପ୍ରେମ ପ୍ରକାଶ ପାଏ ।' ( ୧ମ ଯୋହନ ୪ : ୧୦, ରୋମୀୟ ୫ : ୬-୮ ) ପୁନଃଶ୍ଚ ସେ ଏଫିସୀ ମଣ୍ଡଳୀକୁ କହନ୍ତି, କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛ, ଆଉ ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇନାହିଁ । ତାହା ଈଶ୍ୱରଙ୍କ ଦାନ, କର୍ମରୁ ନୁହେଁ ଯେପରି କେହି ଦର୍ପ ନ କରେ । କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତ୍କାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ଆମ୍ଭେମାନେ କରିଥିଲେ ଆଚରଣରେ ସେହିସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ସୃଷ୍ଟ । ( ଏଫିସୀ ୨:୮-୧୦ )

ମନୁଷ୍ୟ ଆପଣାକୁ ପାପମୁକ୍ତ କରିବାରେ ଅସମର୍ଥ ବୋଲି ପ୍ରଭୁଙ୍କ ବାକ୍ୟ ଆମ୍ଭମାନଙ୍କୁ ଜଣାଏ । ସୁନାରୂପା ସୁଧାନି କର୍ତ୍ତା ଦ୍ୱାରା ପାପମୋଚନ ହୋଇନପାରେ । ସଦାପ୍ରଭୁଙ୍କ ଅନୁଗ୍ରହ ବିନା ମନୁଷ୍ୟର ନର୍କ ଦଣ୍ଡରୁ ନିଷ୍କୃତି ହେବା ଅସମ୍ଭବ । ( [illegible] ) ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ କ୍ରୁଶୀୟ ମୃତ୍ୟୁ ଦ୍ୱାରା ମନୁଷ୍ୟର ପରିତ୍ରାଣ ସମ୍ଭବପର ହୋଇଅଛି । ( ୨ କରିନ୍ଥୀ ୫ : ୧୯-୨୧ ) ଆମ୍ଭମାନଙ୍କ ପାପ ନିମନ୍ତେ ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ପୁନରୁତ୍ଥାନ ହିଁ ସୁସମାଚାରର ମୂଳଦୁଆ । ( ୧ମ କରିନ୍ଥୀ ୧୫ : ୧-୪ ) । ଏହି ସୁସମାଚାର ହିଁ ମନୁଷ୍ୟର ଏକମାତ୍ର ଭରସା ଏବଂ ଖ୍ରୀଷ୍ଟ ହିଁ ମନୁଷ୍ୟର ଏକମାତ୍ର ତ୍ରାଣକର୍ତ୍ତା ଅଟନ୍ତି । ଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ ନିକଟକୁ

ମିବା ନିମନ୍ତେ ମନୁଷ୍ୟର ଏକମାତ୍ର ପଥ ଅଟନ୍ତି । ( ଯୋହନ ୮ : ୨୪ ୧୪ : ୬, ଏଫି ୫ : ୮, ୯; ପ୍ରେରିତ ୪ : ୧୧, ୧୨) । ଏଥି ନିମନ୍ତେ ସର୍ବଜଗତରେ । ସମସ୍ତ ଜାତି ନିକଟରେ ପରିତ୍ରାଣ ଦାୟକ ସୁସମାଚାରର ପ୍ରଚାରିତ ହେବା ଆବଶ୍ୟକ । ( ମାଥିଉ ୨୮ : ୧୯-୨୦, ମାର୍କ ୧୬ : ୧୫, ୧୬; ଲୂକ ୨୪ : ୪୪-୪୭ ) ।

ପରମେଶ୍ୱରଙ୍କ ଏହି ଅନୁଗ୍ରହ ଦାନ ମନୁଷ୍ୟକୁ କପରି ଲବ୍ଧ ହୁଏ ? ଏହାର ସରଳ ଉତ୍ତର ଆମ୍ଭେମାନେ ପରମେଶ୍ୱରଙ୍କ ବାକ୍ୟରେ ହିଁ ପାଇପାରୁ । ଖ୍ରୀଷ୍ଟ ମୃତ୍ୟୁଭୋଗୀ, ସାମର୍ଥ୍ୟ ପ୍ରାପ୍ତ ହୋଇ ପୁନରୁତ୍ଥିତ ହେବା ପରେ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇ କହିଲେ ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି । ( ମାଥିଉ ୨୮ : ୧୯-୨୦ )

ପ୍ରତ୍ୟେକ ଜାତିର ମନୁଷ୍ୟମାନଙ୍କୁ ସୁସମାଚାରର ଶିକ୍ଷା ଦେବା ଆବଶ୍ୟକ ଖ୍ରୀଷ୍ଟଧର୍ମ ଏକ ଶିକ୍ଷା ଦେବା ଧର୍ମ । ସୁସମାଚାର ଶ୍ରବଣ କରି ନଥିବା ଲୋକେ ପରିତ୍ରାଣ ପ୍ରାପ୍ତ ହେବା ଅସମ୍ଭବ । ଶ୍ରବଣଦ୍ୱାରା ବିଶ୍ୱାସ ଖ୍ରୀଷ୍ଟଙ୍କ ଜ୍ଞାନ ପ୍ରାପ୍ତ ହେଉ । ( ରୋମୀୟ ୧୦ : ୧୭ ) ଏବଂ ବିଶ୍ୱାସ କରିବା ବ୍ୟକ୍ତି ବାପ୍ତିଜିତ ହୋଇ ପରିତ୍ରାଣ ପ୍ରାପ୍ତ ହୁଏ ।

ଆମ୍ଭମାନଙ୍କ ପ୍ରଭୁ ମାର୍କ ୧୬ : ୧୫-୧୬ ପଦରେ କହନ୍ତି, ପୁଣି ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର, ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ । ସେ ପରିତ୍ରାଣ ପାଇବ । କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ । ସର୍ବଜଗତରେ ସୁସମାଚାର ପ୍ରଚାର କରିବା ନିମନ୍ତେ ଖ୍ରୀଷ୍ଟଙ୍କ ଶିଷ୍ୟମାନେ ଆଜ୍ଞାପିତ ହୋଇ

ଅଛନ୍ତି । ଘୋଷିତ ସୁସମାଚାରର ଶ୍ରବଣକାରୀମାନେ ବିଶ୍ୱାସ ସହ ବାପ୍ତିଜିତ ହେବା ଆବଶ୍ୟକ ବୋଲି ଖ୍ରୀଷ୍ଟଙ୍କ ଆଜ୍ଞା କହେ ନାହିଁ । କାରଣ ପରିତ୍ରାଣ ପାଇବା ପୂର୍ବେ ମନୁଷ୍ୟକୁ ବିଶ୍ୱାସ କରି ବାପ୍ତିଜିତ ହେବା ଆବଶ୍ୟକ । କେବଳ ବିଶ୍ୱାସଦ୍ୱାରା ଆମ୍ଭମାନଙ୍କ ପାପମୋଚନ ହୁଏ ନାହିଁ (

ଏହି ସର୍ବୋତ୍ତମ ଆଜ୍ଞା ଲୂକ ୨୪ : ୪୬-୪୭ ପଦଗୁଡ଼ିକରେ ମଧ୍ୟ ଆମ୍ଭେମାନେ ପଢ଼ି ପାରୁ ? ଯାହା କହେ, 'ଆଉ ସେ ସେମାନଙ୍କୁ କହିଲେ, ଏହି ପ୍ରକାରେ ଲେଖା ଅଛି । ଖ୍ରୀଷ୍ଟ ଦୁଃଖଭୋଗ କରିବେ ଓ ତୃତୀୟ ଦିନରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନ କରିବେ । ପୁଣି ଯିରୂଶାଲମଠାରୁ ଆରମ୍ଭ କରି ସମସ୍ତ ଜାତିଙ୍କ ନିକଟରେ ତାହାଙ୍କ ନାମରେ ପାପକ୍ଷମା ନିମନ୍ତେ ମନପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯିବ ।' ଏହି ବାକ୍ୟାଂଶରେ ଖ୍ରୀଷ୍ଟଙ୍କ ସୁସମାଚାରର ମୂଳଦୁଆ ପଢ଼ି ପାରୁ । ଖ୍ରୀଷ୍ଟ ଶାସ୍ତ୍ରଅନୁଯାୟୀ ମନୁଷ୍ୟର ପାପାର୍ଥକ ବଳି ରୂପେ ମୃତ୍ୟୁ ଭୋଗି, ତୃତୀୟ ଦିନରେ ପୁନରୁତ୍ଥିତ ହୋଇଅଛନ୍ତି । ( ୧ମ କରିନ୍ଥୀ ୧୫ : ୧-୪ )। ଏହି ସୁସମାଚାରର ସତ୍ୟତା ସର୍ବଜଗତରେ ଘୋଷିତ ହେଉ ଅଛି । ତାହା ଗ୍ରହଣ କରିବା ଲୋକେ ପାପମୁକ୍ତ ହୋଇ ପରିତ୍ରାଣ ପ୍ରାପ୍ତ ହୁଅନ୍ତି ।

ଆଜିର ଅଧିକାଂଶ ଶିକ୍ଷକମାନେ ବାଇବଲର ସମ୍ପୂର୍ଣ୍ଣ ସତ୍ୟତା ଶିକ୍ଷା ନ ଦେଇ, ଆଂଶିକ ଭାବେ ଶିକ୍ଷା ଦେଇ ପାଳନ କରିବା ନିମନ୍ତେ ଉତ୍ସାହିତ କରନ୍ତି । କିନ୍ତୁ ସତ୍ୟତା ଜାଣିବା ନିମନ୍ତେ ଆମ୍ଭମାନଙ୍କୁ ବାଇବଲ ବାକ୍ୟ ସୂକ୍ଷ୍ମ ରୂପେ ଅନୁସନ୍ଧାନ କରିବା ଆବଶ୍ୟକ । ସର୍ବୋତ୍ତମ ଆଜ୍ଞା ବିଷୟରେ ବାଇବଲରେ ଲିଖିତ ତିନୋଟି ବାକ୍ୟାଂଶର ଅନୁଶୀଳନରୁ, ପରିତ୍ରାଣ ପାଇବା ନିମନ୍ତେ ଆମ୍ଭେମାନେ କଅଣ କରିବା ଆବଶ୍ୟକ ଜାଣି ପାରୁ । ଯାହା .—

୧) ସର୍ବଜଗତରେ ସମସ୍ତ ଜାତି ନିକଟରେ ଖ୍ରୀଷ୍ଟଙ୍କ ଶିଷ୍ୟମାନେ ତାହାଙ୍କ ସୁସମାଚାର ପ୍ରଚାର କରିବା ନିମନ୍ତେ ଆଜ୍ଞାପିତ ହୋଇଅଛନ୍ତି ।

୨) ଖ୍ରୀଷ୍ଟଙ୍କ ମରଣ ସମାଧି ଓ ଉତ୍ଥାନ ଖ୍ରୀଷ୍ଟଙ୍କ ସୁସମାଚାରର ମୂଳ ଶିକ୍ଷା ।

୩) ଖ୍ରୀଷ୍ଟଙ୍କ ସୁସମାଚାରର ବିଶ୍ୱାସୀମାନେ ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସମାଜରେ ସ୍ୱୀକାର କରିବା ଆବଶ୍ୟକ । (ରୋମୀୟ ୧୦ : ୯-୧୦ )

୪) ସେମାନେ ଆପଣା ଆପଣା ପାପରୁ ମନପରିବର୍ତ୍ତନ କରିବା ଆବଶ୍ୟକ । ( ଲୂକ ୧୩ : ୩, ପ୍ରେରିତ ୨ : ୩୮ ) ।

୫) ପାପମୋଚନ ନିମନ୍ତେ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବା ଆବଶ୍ୟକ । ( ରୋମୀୟ ୬ : ୪, ପ୍ରେରିତ ୨ : ୩୮ ) ।

୬) ଏହି ସୁସମାଚାର ପାଳନକାରୀମାନେ ପାପମୋଚନ ପାଇ ପରିତ୍ରାଣ ପାଆନ୍ତି ।

ପରିତ୍ରାଣ, ମନୁଷ୍ୟମାନଙ୍କ ନିମନ୍ତେ ଈଶ୍ବରଙ୍କର ଅନୁଗ୍ରହ ଦାନ ଅଟେ । ( ରୋମୀୟ ୬ : ୨୩, ଏଫିସୀ ୨ : ୮ ) । ଏହି ଅନୁଗ୍ରହ ଦାନ ପ୍ରାପ୍ତ ହେବା ନିମନ୍ତେ ମନୁଷ୍ୟକୁ ଈଶ୍ବରଙ୍କ ସର୍ବୋତ୍ତମ ଆଜ୍ଞା ପାଳନ କରିବା ଆବଶ୍ୟକ । ପ୍ରିୟ ପାଠକ, ଆପଣ କି ପରିତ୍ରାଣ ପ୍ରାପ୍ତ ହୋଇଅଛନ୍ତି ? ଆସ ଆମ୍ଭେମାନେ, ତାହାଙ୍କ ଉକ୍ତ ଆଜ୍ଞା ପାଳନ କରି ତାହାଙ୍କ ଦତ୍ତ ଅନୁଗ୍ରହ ଦାନ ପ୍ରାପ୍ତ ହେଉଁ ।

**From :— Truth for the world**

— o —

## ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ
## ( Man shall not live by bread alone )

ଯୀଶୁଖ୍ରୀଷ୍ଟଙ୍କ ଶୟତାନ ଦ୍ୱାରା ପରୀକ୍ଷିତ ହେବା ଘଟଣା ଆମ୍ଭେମାନେ ମାଥିଉ ଓ ଲୂକ ସୁସମାଚାରରେ ପଢ଼ି ପାରୁ । ଏହି ଘଟଣା ମନୁଷ୍ୟମାନଙ୍କ ଆଗରେ ମଙ୍ଗଳଦାୟକ । ତାହାଙ୍କ ପ୍ରଥମ ପରୀକ୍ଷା ବିଷୟରେ ମାଥିଉ କହନ୍ତି । ସେତେବେଳେ ଯୀଶୁ ଶୟତାନ ଦ୍ୱାରା ପରୀକ୍ଷିତ ହେବା ନିମନ୍ତେ ଆତ୍ମାଙ୍କ କର୍ତ୍ତୃକ ପ୍ରାନ୍ତରକୁ ନୀତ ହେଲେ । ପୁଣି ଚାଳିଶି ଦିନ ଓ ଚାଳିଶି ରାତ୍ର ଉପବାସ କରି ଶେଷରେ କ୍ଷୁଧିତ ହେଲେ । ଆଉ, ପରୀକ୍ଷକ ତାହାଙ୍କ ନିକଟକୁ ଆସି କହିଲା । ତୁମ୍ଭେ ଯେବେ ଈଶ୍ୱରଙ୍କ ପୁତ୍ର, ତେବେ ଏହି ପଥରଗୁଡ଼ାକ ରୋଟୀ ହେବା ପାଇଁ ଆଜ୍ଞା ଦିଅ । କିନ୍ତୁ ସେ ଉତ୍ତର ଦେଲେ, ଲେଖାଅଛି । ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ । ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ । (ମାଥିଉ ୪ : ୨-୪) ।

ରୋଟୀ ମନୁଷ୍ୟ 'ଜୀବନର ସମ୍ବଳ' ରୂପେ ବିବେଚିତ ହୋଇଥାଏ । ପୃଥିବୀରେ ଏହା ମନୁଷ୍ୟମାନଙ୍କ ଖାଦ୍ୟ ସାମଗ୍ରୀର ଅଭିନ୍ନ ଅଙ୍ଗ । ପ୍ରଭୁ ଯୀଶୁଖ୍ରୀଷ୍ଟ କ୍ଷୁଧିତ ଥିବା ସମୟରେ ପରୀକ୍ଷକ ତାହାଙ୍କ ନିକଟକୁ ଆସି କହିଲା । "ଚାଳିଶି ଦିନରୁ କ୍ଷୁଧିତ ଈଶ୍ୱରଙ୍କ ପୁତ୍ର, ତୁମ୍ଭର ଖାଦ୍ୟ ନିମନ୍ତେ ଏହି ପଥରଗୁଡ଼ାକୁ ରୋଟୀ ହେବା ନିମନ୍ତେ ଆଜ୍ଞା ଦିଅ ।" କେବଳ ଥରେ ଆମ୍ଭେମାନେ କ୍ଷୁଧାର ଦ୍ୱାରା ତାଡ଼ିତ ହୋଇ ଥାଉଁ, ତେବେ ଚାଳିଶି ଦିନର ଉପବାସ ପରେ ଯୀଶୁଖ୍ରୀଷ୍ଟ କ୍ଷୁଧାର ମାତ୍ରା ଆମ୍ଭେମାନେ କଳ୍ପନା କରି ନ ପାରୁ । ଏହି ପରିସ୍ଥିତି ଆମ୍ଭମାନଙ୍କ ତ୍ରାଣକର୍ତ୍ତା କିପରି ସମ୍ମୁଖୀନ ହୋଇଥିଲେ । ବାକ୍ୟଦ୍ୱାରା ବୁଝିଲେ ଆମ୍ଭେମାନେ ଏହିପରି ପରୀକ୍ଷା କିପରି ଭାବରେ ବିଜୟୀ ହୋଇ ପାରିବା ଆମ୍ଭେମାନେ ଜାଣି ପାରିବା ।

ପରମେଶ୍ୱରଙ୍କ ପୁତ୍ରଙ୍କୁ ଶୟତାନର ପରୀକ୍ଷାରେ ବିଜୟୀ ହେବା ଅସାଧ୍ୟ ନୁହେଁ ବୋଲି ଅନେକଙ୍କ ମତ ପ୍ରକାଶ କରିଥାନ୍ତି । କିନ୍ତୁ ପରୀକ୍ଷା ସମୟରେ ସେ ସାଧାରଣମାନବ ଶରୀରଧାରୀ ଥିଲେ

ବୋଲି ଏବ୍ରୀ ୪ : ୧୫ ପଦରୁ ସୁସ୍ପଷ୍ଟ ହୁଏ, ଯାହା କହେ । 'ସେ ପାପରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରୀକ୍ଷିତ ହେଲେ । ଶୟତାନକୁ ପରାଜୟ କରିବାରେ ପ୍ରଭୁଯୀଶୁଙ୍କ ଦୃଢ଼ତାର କାରଣ କଅଣ ? ଯୋହନ ୪ : ୩୪, ୬ : ୩୮ ଓ ୯ : ୪ ପଦରୁ ପରମେଶ୍ୱରଙ୍କ ଇଚ୍ଛା ସାଧନ କରିବା ହିଁ ତାହାଙ୍କ ଦୃଢ଼ ନିଷ୍ଠତାର କାରଣ ବୋଲି ଆମ୍ଭେ ବୁଝିପାରୁ । ସ୍ୱର୍ଗକୁ ଯିବା ନିମନ୍ତେ ଆମ୍ଭମାନଙ୍କ ଦୃଢ଼ ସଂକଳ୍ପ ନ ଥିଲେ ଆମ୍ଭେମାନେ ପଥହରା ହେବୁ । ପ୍ରଭୁଯୀଶୁ କହନ୍ତି । ସେହି ପ୍ରକାରେ ତୁମ୍ଭମାନଙ୍କ ମଧ୍ୟରୁ ଯେକେହି ଆପଣାର ସର୍ବସ୍ୱ ତ୍ୟାଗ ନ କରେ । ସେ ମୋହର ଶିଷ୍ୟ ହୋଇ ପାରେନାହିଁ । ( ଲୂକ ୧୪ : ୩୩ ) ଯେ ମୋଠାରେ ବିଶ୍ୱାସ କରେ ସେ ମୋଠାରେ ବିଶ୍ୱାସ କରେ ନାହିଁ । ମାତ୍ର ମୋହର ପ୍ରେରଣକର୍ତ୍ତାଙ୍କ ଠାରେ ବିଶ୍ୱାସ କରେ । ( ଯୋହନ ୧୨ : ୪୪ ) ଶୟତାନର କଥାରେ ପ୍ରଭୁଯୀଶୁ ସମ୍ମତ ନ ହୋଇ, ତାହାଙ୍କ ମଙ୍ଗଳକାରୀ ପିତା ପରମେଶ୍ୱରଙ୍କ ଉପରେ ନିର୍ଭର କରିବା ଶ୍ରେୟସ୍କର ମଣିଲେ ପରମେଶ୍ୱରଙ୍କ ଆଜ୍ଞାଅନୁଯାୟୀ ଆବ୍ରାହମ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ବଳିଦାନ କରିବାରେ କୁଣ୍ଠିତ ହୋଇ ନଥିଲେ । କାରଣ ସେ ତାହାଙ୍କ ଆବଶ୍ୟକ ସବୁ ପୂରଣ କରିବେ ବୋଲି ତାହାଙ୍କଠାରେ ସେ ବିଶ୍ୱାସ ଓ ନିର୍ଭର କରିଥିଲେ । ଯୀଶୁ ଖ୍ରୀଷ୍ଟ ଓ ଆବ୍ରାହମଙ୍କ ସଦୃଶ୍ୟ ଆମ୍ଭେମାନେ ମଧ୍ୟ ଆମ୍ଭମାନଙ୍କ ପିତାପରମେଶ୍ୱର ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକ ବିଷୟ ଯୋଗାଇବେ ବୋଲି ସର୍ବଦା ମନେ ରଖିବା ଆବଶ୍ୟକ । ( ମାଥିଉ ୬ : ୮ ) ପ୍ରଭୁଯୀଶୁ ଶୟତାନକୁ କହିଲେ । ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ । ( ମାଥିଉ ୪ : ୪ ) । ମନୁଷ୍ୟ ସମାଜ ନିମନ୍ତେ ଏହି ବାକ୍ୟ ଯୁଗାନୁଯୁଗେ ଆବଶ୍ୟକ ।

ମନୁଷ୍ୟ ଜୀବନ ଓ ଧର୍ମପରାୟଣତାର ଆବଶ୍ୟକୀୟ ବିଷୟ ସବୁ ବାଇବଲରେ ବାକ୍ୟ ଦ୍ୱାରା ବ୍ୟକ୍ତ ହୋଇଅଛି । ( ୨ ପିତର ୧ : ୩ ) । ସମସ୍ତ ବିଷୟରେ ସଚେତନ ଥାଇ କ୍ଳେଶ ସହ୍ୟ କରିବା

ନିମନ୍ତେ ଆମ୍ଭମାନଙ୍କୁ ୨ୟ ତୀମଥି ୪ : ୪ ରେ ସତର୍କ କରାଯାଏ । ପ୍ରେରିତ ପାଉଲଙ୍କ ସଦୃଶ୍ୟ ଆମ୍ଭେମାନେ ସମସ୍ତ ସଦ୍ କରିବାରେ ସମ୍ରିଦ୍ଧ ହେବା ଆବଶ୍ୟକ ( ଫିଲିସ ୧୪ : ୧୩ ) କୌଣସି ବିଷୟରେ ଚିନ୍ତିତ ହୁଅନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିମନ୍ତେ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ । ସେଥିରେ ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି । ତାହା ତୁମ୍ଭମାନଙ୍କ ହୃଦୟ ଓ ମନକୁ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରି ରଖିବ । ( ଫିଲିପି ୪ : ୬, ୭ ) । ରୋଟୀ ଆମ୍ଭମାନଙ୍କ ଶାରୀରିକ ଜୀବନ ନିମନ୍ତେ ଆବଶ୍ୟକ ହେଲେ ଈଶ୍ୱରଙ୍କ ମୁଖ ନିର୍ଗତ ବାକ୍ୟ ଆମ୍ଭମାନଙ୍କ ଆତ୍ମିକ ଶରୀର ନିମନ୍ତେ ଯେ କେତେ ଆବଶ୍ୟକ ଏହାକି ଆପଣ କେବେ ଚିନ୍ତା କରି ଅଛନ୍ତି ।

**David Kelly**

—o—

## ଯୀଶୁ ସମର୍ପିତ ଜୀବନ

**( Surrender to Jesus )**

ଯୀଶୁଖ୍ରୀଷ୍ଟଙ୍କ ଠାରେ ଦୃଢ଼ ବିଶ୍ୱାସ ଓ ସମର୍ପିତ ଜୀବନ ହିଁ ବାଇବଲରେ ଲିଖିତ ଈଶ୍ୱରଙ୍କ ବାକ୍ୟର ମୂଳ ସାରାଂଶ । 'ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ । କାରଣ ଈଶ୍ୱର ଯେ ଅଛନ୍ତି । ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାରଦାତା । ଏହା ତାହାଙ୍କ ସମ୍ମୁଖକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ । ( ଏବ୍ରୀ ୧୧-୬ ) । ଦୃଢ଼ ବିଶ୍ୱାସ ସମର୍ପିତ ଜୀବନ ଯାପନ କରିବାରେ ସାହାଯ୍ୟ କରେ । ବାଇବଲ ବାକ୍ୟ କହେ, 'ଆଉ ସେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ଯେପରି ଯେଉଁମାନେ ଜୀବିତ ଅଛନ୍ତି ସେମାନେ ଆଉ ଆପଣା ଆପଣା ନିମନ୍ତେ ଜୀବନ ଯାପନ ନ କରି ବରଂ ଯେ ସେମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ଓ ଉତ୍ଥିତ ହେଲେ ତାହାଙ୍କ ନିମନ୍ତେ ଜୀବନ ଯାପନ କରନ୍ତି ( ୨ କରିନ୍ଥୀ ୫ : ୧୫ ) ।

ସମର୍ପିତ ଜୀବନର ଅର୍ଥ ଆପଣାକୁ ଅସ୍ୱୀକାର କରେ । ଆପଣା କ୍ରୁଶ ବହି ତାହାଙ୍କ ଅନୁଗାମୀ ହେବା । ସେତେବେଳେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ । କେହି ଯେବେ ମୋହର

ଅନୁଗାମୀ ହେବାକୁ ଇଚ୍ଛା କରେ ତେବେ ସେ ଆପଣାକୁ ଅସ୍ୱୀକାର କରୁ ପୁଣି ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ, ( ମାଥିଉ ୧୫ : ୨୪ ) ।

ସମର୍ପିତ ଜୀବନର ଅର୍ଥ ପ୍ରଥମେ ତାହାଙ୍କ ରାଜ୍ୟ ଓ ନୀତି ଅନେ୍ୱଷଣ କରିବା । କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନେ୍ୱଷଣ କର; ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ । ( ମାଥିଉ ୬ : ୩୩ ) ।

ସମର୍ପିତ ଜୀବନର ଅର୍ଥ ଆପଣାଙ୍କ ଶରୀରକୁ ପବିତ୍ର, ସଜୀବ ବଳି ରୂପେ ଉତ୍ସର୍ଗ କରିବା । 'ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା ( ରୋମୀୟ ) ।

ସମର୍ପିତ ଜୀବନର ଅର୍ଥ ପିତାଙ୍କ ଇଚ୍ଛା ସାଧନ କରିବା ମୃତ୍ୟୁର ମର୍ମାନ୍ତିକ ଦୁଃଖରେ ମଗ୍ନ ହୋଇ ପ୍ରଭୁଯୀଶୁ ପ୍ରାର୍ଥନା କରି କହିଥିଲେ, 'ହେ ପିତା ଯଦି ତୁମ୍ଭର ଇଚ୍ଛାଥାଏ, ତେବେ ଏହି ପାନପାତ୍ର ମୋଠାରୁ ଦୂର କର, ତଥାପି ମୋହର ଇଚ୍ଛାନୁହେଁ ମାତ୍ର ତୁମ୍ଭର ଇଚ୍ଛା ସଫଳ ହେଉ । ( ଲୂକ ୨୨ : ୪୨ ) ।

ସମର୍ପିତ ଜୀବନର ଅର୍ଥ ଖ୍ରୀଷ୍ଟଙ୍କ ସୁସମାଚାର ଅନ୍ୟମାନଙ୍କ ନିକଟରେ ପ୍ରଚାର କରିବା । 'ପୁଣି ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର, ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞମାନ ପାଇବ । ( ମାର୍କ ୧୬ : ୧୫ : ୧୬ ) ।

ସମର୍ପିତ ଜୀବନର ଅର୍ଥ ଜୀବନରେ ନୂତନ ଭାବେ ଆଚରଣ କରିବା । 'ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛୁ । ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ

ମଧ୍ୟ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ । ( ରୋମୀୟ ୬ : ୩-୪ ) ।

ସମର୍ପିତ ଜୀବନର ଅର୍ଥ ତାହାଙ୍କ ଆଧିପତ୍ୟ ସ୍ୱୀକାର କରିବା କାରଣ ଆମ୍ଭେମାନେ ବିଶେଷ ମୂଲ୍ୟରେ କ୍ରୀତ ହୋଇଅଛୁ । ତୁମ୍ଭମାନଙ୍କ ଶରୀର ଯେ ଈଶ୍ୱରଙ୍କ ଠାରୁ ପ୍ରାପ୍ତ ତୁମ୍ଭମାନଙ୍କର ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କଅଣ ଜାଣ ନାହିଁ ? ଆଉ ତୁମ୍ଭେମାନେ ନିଜେ ନିଜର ନୁହଁ, କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣାଯାଇ ଅଛ, ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର । ( ୧ମ କରିନ୍ଥୀ ୬ : ୧୯-୨୦ ) ।

ସମର୍ପିତ ଜୀବନର ଅର୍ଥ ଶାରୀରିକ ଜୀବନ ଯାପନ ନ କରି ଆତ୍ମିକ ଜୀବନ ଯାପନ କରିବା । ହେ ଭାଇମାନେ, ଆମ୍ଭେମାନେ ଋଣୀ କିନ୍ତୁ ଶାରୀରିକ ସ୍ୱଭାବାନୁସାରେ ଜୀବନ ଯାପନ କରିବାକୁ ଶରୀର ନିକଟରେ ନୁହେଁ । କାରଣ ଯଦି ଶାରୀରିକ ସ୍ୱଭାବାନୁସାରେ ତୁମ୍ଭେମାନେ ଜୀବନ ଯାପନ କର, ତେବେ ଅବଶ୍ୟ ମରିବ, କିନ୍ତୁ ଯଦି ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଶରୀରର କର୍ମ ସବୁକୁ ବିନାଶ କର, ତେବେ ଜୀବିତ ହେବ । ( ରୋମୀୟ ୮ : ୧୨-୧୩ ) ।

ସମର୍ପିତ ଜୀବନର ଅର୍ଥ ମାନବ ସେବା କରିବା । ଆପଣା ଶିଷ୍ୟମାନଙ୍କୁ ପ୍ରଭୁ କହନ୍ତି, ତୁମ୍ଭମାନଙ୍କ ମଧ୍ୟରେ ସେ ପ୍ରକାର ନୁହେଁ, କିନ୍ତୁ ତୁମ୍ଭମାନଙ୍କ ମଧ୍ୟରେ ଯେ କେହି ମହାନ୍ ହେବାକୁ ଇଚ୍ଛାକରେ, ସେ ତୁମ୍ଭମାନଙ୍କର ସେବକ ହେଉ । ଆଉ ଯେ କେହି ମହାନ୍ ହେବାକୁ ଇଚ୍ଛା କରେ, ସେ ତୁମ୍ଭମାନଙ୍କର ଦାସ ହେଉ । ସେପରି ମନୁଷ୍ୟପୁତ୍ର ମଧ୍ୟ ସେବା ପାଇବାକୁ ଆସି ନାହାନ୍ତି ମାତ୍ର ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ମୁକ୍ତିର ମୂଲ୍ୟ ସ୍ୱରୂପେ ପ୍ରାଣ ଦେବାକୁ ଆସି ଅଛନ୍ତି । ( ମାଥିଉ ୨୦ : ୨୬-୨୮ ) ।

ସମର୍ପିତ ଜୀବନର ଅର୍ଥ ନିର୍ମଳ ଧର୍ମପରାୟଣ ଜୀବନ ଯାପନ କରିବା । ଯାକୁବଙ୍କ ଭାଷାରେ ଅନାଥ ଏ ବିଧବାମାନଙ୍କୁ ସେମାନଙ୍କ ଦୁଃଖାବସ୍ଥାରେ ସଂଖୋଜିବା ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଏହା ଆମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ଦୃଷ୍ଟିରେ ବିଶୁଦ୍ଧ ଓ ନିର୍ମଳ ଧର୍ମପରାୟଣତା ଅଟେ । ( ଯାକୁବ ୧ : ୨୭ )

ସମର୍ପିତ ଜୀବନର ଅର୍ଥ ପରସ୍ପର... ର ବହନ କରିବା । ହେ ଭାଇମାନେ ଯଦି କେହି କୌଣସି ଅପ... ରେ ଧରାପଡେ ଆତ୍ମିକ ଯେ ତୁମ୍ଭେମାନେ, ତୁମ୍ଭେମାନେ, ତୁମ୍ଭେମାନ ମୃ... ଭାବରେ ସେହି ପ୍ରକାର ଲୋକଙ୍କୁ ସଂଶୋଧନ କର, ପୁଣି, ... ଜାଣେ ନିଜେ ମଧ୍ୟ ପରୀକ୍ଷାରେ ପଡ଼ି ପାର ଏଥିପାଇଁ ଆପଣା ବିଷୟରେ ସାବଧାନ ହୁଅ । ପରସ୍ପର ଭାର ବହନ କର, ଏହି ପ୍ରକାରେ ତୁମ୍ଭେମାନେ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ସଫଳ କରିବ ।

ସମର୍ପିତ ଜୀବନର ଅର୍ଥ ପରସ୍ପରର ଓ ଅନ୍ୟମାନଙ୍କର ମଙ୍ଗଳ କରିବା । ଆବଶ୍ୟକ, ସୁଯୋଗ ଅନୁସାରେ ସମସ୍ତଙ୍କର, ବିଶେଷତଃ ଏକ ପରିବାରଭୁକ୍ତ ବିଶ୍ୱାସୀ ସମସ୍ତଙ୍କର ମଙ୍ଗଳ କରୁ । ( ଗାଲାତି ୬ : ୧୦ ) । 'ଈଶ୍ୱର ତାହାଙ୍କୁ [ଯୀଶୁଙ୍କୁ] ପବିତ୍ରଆତ୍ମା ଓ ଶକ୍ତିରେ ଅଭିଷିକ୍ତ କଲେ ଆଉ ସେ ମଙ୍ଗଳ ସାଧନ କରୁ କରୁ ଓ ଶୟତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତଙ୍କୁ ସୁସ୍ଥ କରୁ କରୁ ସର୍ବତ୍ର ଭ୍ରମଣ କଲେ, କାରଣ ଈଶ୍ୱର ତାହାଙ୍କ ସହବର୍ତ୍ତୀ ଥିଲେ । ( ପ୍ରେରିତ ୧୦ : ୩୮ ) । ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରଭୁ ପାଳକ ଓ ପଥପ୍ରଦର୍ଶକ ଅଟନ୍ତି । ଆସ ଆମ୍ଭେମାନେ ତାହାଙ୍କ ଆଦର୍ଶ ଅନୁସରଣ କରୁ ।

ସମର୍ପିତ ଜୀବନର ଅର୍ଥ ବିପଥଗାମୀ ଆତ୍ମାମାନଙ୍କ ପରିତ୍ରାଣ ନିମନ୍ତେ କାର୍ଯ୍ୟ କରିବା ଆବଶ୍ୟକ, କାରଣ ଯାହା ହଜିଅଛି । ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟପୁତ୍ର ଆସି ଅଛନ୍ତି । ( ଲୂକ ୧୯-୧୦ )

ସମର୍ପିତ ଜୀବନର ଅର୍ଥ କ୍ଷାନ୍ତ ନ ହୋଇ ଖ୍ରୀଷ୍ଟଙ୍କ ସୁସମାଚାର ଶିକ୍ଷା ଦେବା ଓ ପ୍ରଚାର କରିବା । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ବାକ୍ୟ କହେ, 'ଆଉ ସେମାନଙ୍କ ମନ୍ଦିରରେ ଓ ଘରେ ଘରେ ଶିକ୍ଷା ଦେବାରୁ ଓ ଯୀଶୁ ଯେ ଖ୍ରୀଷ୍ଟ । ଏହି ସୁସମାଚାର ପ୍ରଚାର କରିବାରୁ କ୍ଷାନ୍ତ ହେଲେ ନାହିଁ । [ପ୍ରେରିତ ୫ : ୪୨] ।

ସମର୍ପିତ ଜୀବନର ଅର୍ଥ ସବୁ ପରିସ୍ଥିତିରେ ସଦା ସର୍ବଦା ତାହାଙ୍କ ନିମନ୍ତେ ଦୃଢ଼ ରୂପେ ଠିଆ ହେବା ଏବଂ ପାପମୟ ଜୀବନ ତ୍ୟାଗ କରି, ସୁସମାଚାରର ଆଜ୍ଞାବହ ହୋଇ ଧାର୍ମିକ ଜୀବନ ଯାପନ କରିବା । ଏପରି ସମର୍ପିତ ଜୀବନ ଆମ୍ଭମାନଙ୍କୁ ଇହଜଗତରେ ତଥା ଅନନ୍ତ ଜୀବନରେ ସୁଖ ସନ୍ତୋଷରେ ଭରି ଦେବ ।

—Charles Box

—o—

ସାଜେଶ୍ୱର ପ୍ରେସ, ନବରଙ୍ଗପୁର

# TH BIBLE TEACHES

## 2 Tim, 3:16,17

**INTRODUCTION :**

1. There are many creeds and manuals of men and along with such is denominationalism.
2. We should not be concerned with what man says but what the Bible teaches when it comes to religious matters.
3. The Bible teaches the truth and as long as we follow the same then all will be well with us.

**DISCUSSION :**

**A. The Bible Teaches.**

1. That God is. (Heb. 11:6).
2. That Christ is the Son of God. (John 3:16).
3. That Christ died for the sins of the world, (Rom. 5:8).
4. That one must obey the gospel to be saved. (Mk. 16:15,16).
5. That one must hear the truth. (Rom. 10:17).
6. That one must believe. (Om. 10:10).
7. That one must repent his sins. (Acts 17:30).
8. That one must confess Christ before men. (Matt. 10:32).
9. That one must be baptized to be saved. (1 Pet. 3:21).
10. That the saved are added to the Lord's church. (Acts 2:47).
11. That one must be a Christian and Christian only. (1 Pet. 4:16).
12. That one must worship God in spirit and in truth. (John 4:24).
13. That one must work out his salvation. (Phil. 2:12).
14. That one must be faithful unto death. (Rev. 2:20).
15. That there is but one faith. (Eph. 4:5).
16. That there is but one Church. (Eph. 4:4).
17. That baptism is a burial. (Col. 2:12).
18. That the truth makes free. (John 8:32).
19. That on must die. (Heb. 9:27).
20. That one will be judged according to his works.(2 Cor. 5:10).
21. That there is a heaven. (John 14:1-3).
22. That there is a hell. (Matt. 25:46).

**B. The Bible Is :**

1. The book of God. (Ps. 119:105).
2. To be accepted. (Rev. 22:18,19).
3. To be obeyed. (James 1:22).

**CONCLUSION :**

1. One can't go wrong as long as he follows Bible teaching.
2. The Bible will lead one from this life to the life that is to come.
3. We are to live by the Bible in this life and thus one day to be judged according to the things that are written there in.

**- J.C. Choate.**

---

From
SATYA VANI
P.o. Box 80
KAKINADA - 533 001

printed Book only

To

(FOR PRIVATE CIRCULATION ONLY)